# ପଞ୍ଚମ ଅଧ୍ୟାୟ

# ଜନସଂଖ୍ୟା

ମନୁଷ୍ୟ ହିଁ ସକଳ ସମ୍ବଳ ସ୍ରଷ୍ଟା ଓ ଉପଭୋକ୍ତା । ତେଣୁ ମାନବ ବିହୀନ ଏକ ପୃଥିବୀ କଳ୍ପନା କରିବା ଅସମ୍ଭବ । ମନୁଷ୍ୟ ସମ୍ବଳର ଉପଯୋଗ କରିବାର ଏବଂ ସାମାଜିକ ତଥା ସାଂସ୍କୃତିକ ପରିବେଶ ସୃଷ୍ଟିର ଏକ ମାଧ୍ୟମ । ତେଣୁ ମନୁଷ୍ୟ ନିଜେ ଏକ ସମ୍ବଳ ଯାହାକୁ "ମାନବ ସମ୍ବଳ" ଆଖ୍ୟା ଦିଆଯାଇଛି । ଯଦି ମଣିଷ ତା'ର ବୈଷୟିକ ଜ୍ଞାନ କୌଶଳ ଦ୍ୱାରା କୋଇଲାର ଉପଯୋଗ କରିନଥାନ୍ତା ତାହେଲେ କୋଇଲା 'ସମ୍ବଳ'ର ଆଖ୍ୟା ନପାଇ ପ୍ରସ୍ତର ସଦୃଶ ପଡ଼ି ରହିଥାନ୍ତା । ମଣିଷ ସମସ୍ତ ଦ୍ରବ୍ୟ ଓ ସେବାର ସ୍ରଷ୍ଟା ଓ ଉପଭୋକ୍ତା ହୋଇଥିବାରୁ ଜନସଂଖ୍ୟା ଅଧ୍ୟୟନର ଯଥେଷ୍ଟ ଗୁରୁତ୍ୱ ରହିଛି । ତା'ହେଲେ ଜନସଂଖ୍ୟା କ'ଣ ? "କୌଣସି ଦେଶରେ ଏକ ନିର୍ଦ୍ଦିଷ୍ଟ ସମୟରେ ବସବାସ କରୁଥିବା ସମସ୍ତ ଲୋକଙ୍କୁ ସେ ଦେଶର ଜନସଂଖ୍ୟା କୁହାଯାଏ ।" ମାନବ ସମ୍ବଳର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଆମଦେଶର ଜନସଂଖ୍ୟାର ଆକାର ତଥା ବଣ୍ଟନ, ଜନସଂଖ୍ୟା ବୃଦ୍ଧିହାର, ବୟସ ବିନ୍ୟାସ, ସ୍ତ୍ରୀ-ପୁରୁଷ ଅନୁପାତ, ଜନସଂଖ୍ୟା ବୃଦ୍ଧିକୁ ପ୍ରଭାବିତ କରୁଥିବା କାରକ, ସ୍ଥାନାନ୍ତରଣ, ସହରୀକରଣ, ବୃତ୍ତିଗତ ଗଠନ, ନିର୍ଭରଶୀଳ ଜନସଂଖ୍ୟା ତଥା କୈଶୋର ସମସ୍ୟା ଆଦି ବିଷୟରେ ଆଲୋଚନାର ଆବଶ୍ୟକତା ରହିଛି ।

## ଜନଗଣନା :

ଜନଗଣନାରୁ ଜନସଂଖ୍ୟା ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଉପଲବ୍ଧ ହୋଇଥାଏ । କୌଣସି ଦେଶରେ ଏକ ନିର୍ଦ୍ଦିଷ୍ଟ ସମୟରେ ବସବାସ କରୁଥିବା ସମସ୍ତ ବ୍ୟକ୍ତିଙ୍କ ସାମାଜିକ, ଅର୍ଥନୈତିକ ତଥା ମାନବୀୟ ଗୁଣାବଳୀ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ଓ ଉକ୍ତ ତଥ୍ୟକୁ ପୁସ୍ତକ ଆକାରରେ ପ୍ରକାଶନକୁ ଜନଗଣନା କୁହାଯାଏ ।

ଆମେ ପ୍ରାଥମିକ ଭାବରେ ଜନସଂଖ୍ୟା ସମ୍ପର୍କିତ ତିନୋଟି ପ୍ରମୁଖ ପ୍ରଶ୍ନ ଉପରେ ସଚେତନ । (୧) ଜନସଂଖ୍ୟାର ଆକାର ଓ ବିତରଣ (୨) ଜନସଂଖ୍ୟାର ଅଭିବୃଦ୍ଧି ଓ ପରିବର୍ତ୍ତନ ପ୍ରକ୍ରିୟା (ଜନସଂଖ୍ୟାର କିପରି ବିଭିନ୍ନ ସମୟରେ ବୃଦ୍ଧିପାଇ ପରିବର୍ତ୍ତିତ ହୋଇଛି ତା'ର ରୂପରେଖ) (୩) ଜନସଂଖ୍ୟାର ବୈଶିଷ୍ଟ୍ୟ (ବୟସ, ଲିଙ୍ଗ, ଶିକ୍ଷା, ବୃତ୍ତି ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଧାରଣା) ।

ତୁମେ କେବେ ଜନଗଣନା ତଥ୍ୟ ଦେଖିଛ କି ? ଯଦି ତୁମ ବିଦ୍ୟାଳୟ ପାଠାଗାରରେ ଉକ୍ତ ପୁସ୍ତିକା ଥାଏ ତା' ହେଲେ ଦେଖିବାପାଇଁ ପ୍ରୟାସ କର । ଭାରତରେ ପ୍ରଥମ ଜନଗଣନା ୧୮୭୨ ଖ୍ରୀ.ଅ.ରେ ଆରମ୍ଭ ହୋଇଥିଲା । କିନ୍ତୁ ପ୍ରଥମ ସମ୍ପୂର୍ଣ୍ଣ ଜନଗଣନା ୧୮୮୧ ମସିହାଠାରୁ ଆରମ୍ଭ ହୋଇ ଅଦ୍ୟାବଧି ପ୍ରତି ଦଶବର୍ଷରେ ଥରେ କରାଯାଉଛି । ନିକଟ ଅତୀତରେ ସଦ୍ୟତମ ଜନଗଣନାଟି ୨୦୧୧ ମସିହାରେ କରାଯାଇଛି ।

## ଜନସଂଖ୍ୟାର ଆକାର ଓ ବିତରଣ :

୨୦୧୧ ମସିହାର ଜନଗଣନା ଅନୁସାରେ ଭାରତର ମୋଟ ଜନସଂଖ୍ୟା ପ୍ରାୟ ୧୨୧ କୋଟି, ଯାହାକି ପୃଥିବୀର ଜନସଂଖ୍ୟାର ୧୭.୫ ପ୍ରତିଶତ । ଭାରତର ଏହି ବିରାଟ ଜନସଂଖ୍ୟାର ବିତରଣରେ ଯଥେଷ୍ଟ ଅସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ । ଏହି ଜନସଂଖ୍ୟା ଭାରତର ୩.୨୮ ନିୟୁତ ବର୍ଗକିଲୋମିଟର ଅଞ୍ଚଳ ଯାହାକି ସମଗ୍ର ପୃଥିବୀର କ୍ଷେତ୍ରଫଳର ମାତ୍ର ୨.୪ ପ୍ରତିଶତ ଅଞ୍ଚଳରେ ବିତରିତ ହୋଇ ରହିଛନ୍ତି ।

୨୦୧୧ ଜନଗଣନା ପ୍ରକ୍ରିୟା ଶେଷହୋଇଛି । ୨୦୧୧ ପ୍ରାରମ୍ଭିକ ମଧ୍ୟବର୍ତ୍ତୀକାଳୀନ ଜନଗଣନା ତଥ୍ୟ ଅନୁଯାୟୀ ଭାରତ ଓ ଓଡ଼ିଶାର ୨୦୧୧ ଜନଗଣନା ସମ୍ବନ୍ଧରେ ଏକ ସୂଚନା ନିମ୍ନରେ ଦିଆଗଲା ।

| ଓଡ଼ିଶା | | ଭାରତ |
|---|---|---|
| ସମୁଦାୟ ଜନସଂଖ୍ୟା- | ୪,୧୯,୪୭,୩୬୮ | ୧,୨୧,୦୧,୯୩,୪୨୨ |
| ପ୍ରତିଶତ - | ୩.୪୭ | ୧୭.୫୦% |
| | (ସମୁଦାୟ ଭାରତର ଜନସଂଖ୍ୟାର) | (ସମୁଦାୟ ପୃଥିବୀର ଜନସଂଖ୍ୟାର) |
| ଜନସଂଖ୍ୟା ବାର୍ଷିକ ବୃଦ୍ଧିହାର - | ୧୩.୯୭ | ୧୭.୬୪ |
| ପୁରୁଷ ଜନସଂଖ୍ୟା - | ୨,୧୨,୦୧,୬୭୮ | ୬୨,୩୭୨୪,୨୪୮ |
| ମହିଳା ଜନସଂଖ୍ୟା - | ୨,୦୭,୪୫,୬୯୦ | ୫୮,୬୪,୬୯,୧୭୪ |
| ନାରୀ ପୁରୁଷ ଅନୁପାତ- | ୯୭୮ ମହିଳା | ୯୪୦ ମହିଳା |
| | (୧୦୦୦ ପୁରୁଷ ପିଛା) | (୧୦୦୦ ପୁରୁଷ ପିଛା) |
| ଜନସଂଖ୍ୟାର ଘନତ୍ୱ - | ୨୮୯ ପ୍ରତି ବର୍ଗ କି.ମି. ପିଛା | ୩୮୨ ପ୍ରତି ବର୍ଗ କି.ମି. ପିଛା |
| ସାକ୍ଷରତା ହାର - | ୭୩.୪୫% | ୭୪.୦୪% |
| ପୁରୁଷ ସାକ୍ଷରତା ହାର - | ୮୨.୪୦% | ୮୨.୧୪% |
| ମହିଳା ସାକ୍ଷରତା ହାର - | ୬୪.୩୬% | ୬୫.୪୦% |


(ଭାରତୀୟ ଜନଗଣନା ସଂସ୍ଥା ୨୦୧୧, ତଥ୍ୟ ଅନୁଯାୟୀ)

କେତେକ ଅଞ୍ଚଳରେ ଖୁବ୍ କମ୍ ଲୋକ ରହୁଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ ବହୁ ଅଧିକ ସଂଖ୍ୟାରେ ଲୋକ ବସବାସ କରୁଛନ୍ତି । ସୁତରାଂ ଜନସଂଖ୍ୟାର ଘନତ୍ୱ ଭିନ୍ନ ଭିନ୍ନ ହୋଇଥାଏ ।

୨୦୧୧ ମସିହାର ଜନଗଣନାରୁ ଯାହା ଜଣାପଡ଼େ ଉତ୍ତରପ୍ରଦେଶର ଜନସଂଖ୍ୟା ୧୯.୯୫ କୋଟି । ଏହା ଦେଶ ସମଗ୍ର ଜନସଂଖ୍ୟାର ୧୬.୫୦ ପ୍ରତିଶତ । ତେଣୁ ଏହି ରାଜ୍ୟରେ ଜନସଂଖ୍ୟା ନିଶ୍ଚିତଭାବରେ ଅଧିକ । ଏତଦ୍ ଭିନ୍ନ ଉତ୍ତରଭାରତ ସମତଳ ଅଞ୍ଚଳସ୍ଥିତ ଅନ୍ୟାନ୍ୟ ରାଜ୍ୟ, ତାମିଲନାଡୁ, କେରଳ ଆଦି ରାଜ୍ୟରେ ଜନସଂଖ୍ୟାର ଘନତ୍ୱରେ ଆଧିକ୍ୟ ପରିଲକ୍ଷିତ ହୁଏ । ଅପରପକ୍ଷରେ ହିମାଳୟ ପାର୍ବତ୍ୟ ଅଞ୍ଚଳରେ ଥିବା ସିକିମ୍ ରାଜ୍ୟର ଜନସଂଖ୍ୟା ମାତ୍ର ୦.୬୧ ନିୟୁତ ଓ ଲାକ୍ଷାଦ୍ୱୀପର ଜନସଂଖ୍ୟା ମାତ୍ର ୬୪ ହଜାର । ସେହିପରି ଜାମ୍ମୁ ଓ କାଶ୍ମୀର, ହିମାଚଳପ୍ରଦେଶ, ନାଗାଲାଣ୍ଡ, ମଣିପୁର, ତ୍ରିପୁରା, ମେଘାଳୟ, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଜନସଂଖ୍ୟାର ଘନତ୍ୱ ଅତିକମ୍ । ବନ୍ଧୁର ଭୂମି ଓ କେତେକ ସ୍ଥାନରେ ପ୍ରତିକୂଳ ଜଳବାୟୁ ଯୋଗୁଁ ସେଠାରେ କମ୍ ଲୋକ ବସବାସ କରନ୍ତି । ତେବେ ଦାକ୍ଷିଣାତ୍ୟ ମାଳଭୂମିର ଅଧିକାଂଶ ଅଞ୍ଚଳ ତଥା ଆସାମ ଆଦି ରାଜ୍ୟରେ ଭୂମି-ଜନ ଅନୁପାତରେ ମଧ୍ୟମ ଘନତ୍ୱ ପରିଲକ୍ଷିତ ହୁଏ । ଏ ଅଞ୍ଚଳର ପଥୁରିଆ ଭୂମି, ମଧ୍ୟମ ଧରଣର ବୃଷ୍ଟିପାତ ତଥା ଅପେକ୍ଷାକୃତ ଅଗଭୀର ଓ ଅଳ୍ପ ଉର୍ବର ମୃତ୍ତିକା ଆଦିର ପ୍ରଭାବରେ ଜନସଂଖ୍ୟା ଏପରି ହୋଇଛି । ଯେଉଁ ଅଞ୍ଚଳ ଗୁଡ଼ିକରେ ଜନସଂଖ୍ୟାର ଘନତ୍ୱରେ ଆଧିକ୍ୟ ପରିଲକ୍ଷିତ ହୁଏ, ସେ ଅଞ୍ଚଳର ସମତଳ ଭୂମି, ଉର୍ବର ମୃତ୍ତିକା, ପ୍ରଚୁର ବୃଷ୍ଟି ଓ ଅନୁକୂଳ ଜଳବାୟୁ ଯୋଗୁଁ ତାହା ସମ୍ଭବ ହୋଇଛି । ଭାରତର ପାଞ୍ଚଟି ରାଜ୍ୟ ଯଥା : ଆନ୍ଧ୍ରପ୍ରଦେଶ, ବିହାର, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରେ ଭାରତର ମୋଟ୍ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ବସବାସ କରନ୍ତି । ରାଜସ୍ଥାନ ରାଜ୍ୟ କ୍ଷେତ୍ରଫଳ ଦୃଷ୍ଟିରୁ ସର୍ବବୃହତ୍ ରାଜ୍ୟ ହେଲେ ମଧ୍ୟ ଦେଶର ମାତ୍ର ୫.୫% ଜନସାଧାରଣ ଏହି ରାଜ୍ୟରେ ବସବାସ କରନ୍ତି ।

ପୃଥିବୀର କେତୋଟି ଜନବହୁଳ ରାଷ୍ଟ୍ରର ତାଲିକା ନିମ୍ନରେ ଦିଆଯାଇଛି । ସେଗୁଡ଼ିକୁ ଅନୁଧ୍ୟାନ କର ।

| ଦେଶ | ଜନସଂଖ୍ୟା | ଦେଶ | ଜନସଂଖ୍ୟା |
|---|---|---|---|
| ଚୀନ୍ | ୧୩୩,୯୧,୯୦୦୦୦ | ପାକିସ୍ତାନ | ୧୭,୦୨,୬୦୦୦୦ |
| ଭାରତ | ୧୨୧,୦୧,୯୩୪୨୨ | ବାଂଲାଦେଶ | ୧୬,୪୪,୨୫୦୦୦ |
| ଯୁକ୍ତରାଷ୍ଟ୍ର ଆମେରିକା | ୩୦,୯୯,୭୫୦୦୦ | ନାଇଜେରିଆ | ୧୫,୮୨,୫୯୦୦୦ |
| ଇଣ୍ଡୋନେସିଆ | ୨୩,୪୧,୮୧୪୦୦ | ରୁଷିଆ | ୧୪,୧୯,୨୭୨୧୭ |
| ବ୍ରାଜିଲ | ୧୯,୩୩,୬୪୦୦୦ | ଜାପାନ | ୧୨,୭୩,୮୦୦୦୦ |




ମାନଚିତ୍ର 5.1

କେବଳ ଜନସଂଖ୍ୟା ଆକାରକୁ ନେଇ କୌଣସି ଦେଶର ଜନସଂଖ୍ୟା ମାତ୍ରାଧିକ ହୋଇଛି ବୋଲି କୁହାଯାଇ ପାରିବ ନାହିଁ । ଜନସଂଖ୍ୟା ଆକାର ଦୃଷ୍ଟିରୁ ଆବଶ୍ୟକ ହେଉଥିବା ସମ୍ବଳ ତୁଳନାରେ କମ୍ ସମ୍ବଳ ଉପଲବ୍ଧ ହେଲେ ମାତ୍ରାଧିକ ଜନସଂଖ୍ୟା ଅବସ୍ଥା ଉପୁଜେ । ସେହି ସମୟରେ ଦେଶର ସମସ୍ତ ନାଗରିକଙ୍କ ପାଇଁ ଉପଯୁକ୍ତ ଜୀବନ ଧାରଣମାନ ବଜାୟ ରଖିବା ସମ୍ଭବ ହୁଏନାହିଁ । ଏଠାରେ ବ୍ରିଟିଶ ଗଣରାଜ୍ୟକୁ ଉଦାହରଣ ରୂପେ ନିଆଯାଇପାରେ । ଏହାର କ୍ଷେତ୍ରଫଳ ବହୁତ କମ୍ । ମାତ୍ର ଏହାର ଜନସଂଖ୍ୟା ୫.୮ କୋଟି । ଏହା ସତ୍ତ୍ୱେ ଏହାକୁ ମାତ୍ରାଧିକ ଜନସଂଖ୍ୟା ଦେଶ କୁହାଯାଇପାରିବ ନାହିଁ । କାରଣ ଏଠାରେ ମିଳୁଥିବା ସମସ୍ତ ଦ୍ରବ୍ୟ ଓ ସେବାର ପରିମାଣ ଜନସଂଖ୍ୟା ତୁଳନାରେ ଯଥେଷ୍ଟ ଅଧିକ । ମାତ୍ର ଭାରତରେ ସମସ୍ତ ଲୋକଙ୍କ ପାଇଁ ମିଳୁଥିବା ଦ୍ରବ୍ୟ ଓ ସେବାରେ ପରିମାଣ ଯଥେଷ୍ଟ କମ୍ ରହୁଥିବାରୁ ଏହାକୁ ଏକ ମାତ୍ରାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ କୁହାଯାଇ ପାରିବ ।

## ଜନସଂଖ୍ୟାର ଘନତ୍ୱ ଅନୁସାରେ ଜନସଂଖ୍ୟା ବିତରଣ

ଜନସଂଖ୍ୟାର ଘନତ୍ୱ ମାଧ୍ୟମରେ ଜନସଂଖ୍ୟାର ଅସମ ବିତରଣର ଏକ ସ୍ୱଷ୍ଟ ଚିତ୍ର ମିଳେ । "ଜନସଂଖ୍ୟାର ଘନତ୍ୱ କହିଲେ ଏକ ବର୍ଗକିଲୋମିଟର ଅଞ୍ଚଳରେ ବସବାସ କରୁଥିବା ଜନସଂଖ୍ୟାକୁ ବୁଝାଏ । ପୃଥିବୀର ଘନ ଜନବସତି ଦେଖାଯାଉଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତ ଅନ୍ୟତମ । (ଜାପାନ ଓ ବାଂଲାଦେଶରେ ଭାରତର ଜନସଂଖ୍ୟାର ଘନତ୍ୱ ତୁଳନାରେ ଜନସଂଖ୍ୟାର ଘନତ୍ୱ ଅଧିକ) । ୨୦୧୧ ମସିହା ଜନଗଣନା ଅନୁଯାୟୀ ଭାରତର ଜନସଂଖ୍ୟାର ଘନତ୍ୱ ୩୮୨ । ଜନସଂଖ୍ୟାର ଏହି ଘନତ୍ୱ ପଶ୍ଚିମବଙ୍ଗରେ ୯୦୪ ପ୍ରତି ବର୍ଗକି.ମି. ହୋଇଥିବା ବେଳେ ଅରୁଣାଚଳ ପ୍ରଦେଶରେ ୧୩ଜଣ ପ୍ରତିବର୍ଗକିଲୋମିଟର ପିଛା ରହିଛି । (ପ୍ରଦତ୍ତ ମାନଚିତ୍ରରୁ କେଉଁ କେଉଁ ଅଞ୍ଚଳର ଜନସଂଖ୍ୟାର ଘନତ୍ୱ ୧୦୦ ରୁ କମ୍ ତାକୁ ଦେଖାଅ) ଆସାମ ଓ ଅନ୍ୟ ଉପଦ୍ୱୀପ ଅଞ୍ଚଳରେ ଜନସଂଖ୍ୟାର ଘନତ୍ୱ କମ୍ । ଏଠାରେ ପାର୍ବତ୍ୟଭୂମି, ନିମ୍ନ ବୃଷ୍ଟିପାତ, ଅନୁର୍ବର ଜମି ଆଦି ଜନସଂଖ୍ୟାର ଘନତ୍ୱକୁ ପ୍ରଭାବିତ କରିଛି । ଅପର ପକ୍ଷରେ ଉତ୍ତର ଭାରତର ସମତଳ ଭୂମି ଓ ଦକ୍ଷିଣରେ କେରଳ ରାଜ୍ୟରେ ଜନସଂଖ୍ୟାର ଘନତ୍ୱ ଅଧିକରୁ ଅଧିକ । ଏହାର କାରଣ ହେଉଛି ଉର୍ବର ସମତଳ ଭୂମି ଓ ଆବଶ୍ୟକ ପରିମାଣର ବୃଷ୍ଟିପାତ । (ଉତ୍ତର ଭାରତର ସମତଳ ଅଞ୍ଚଳରେ କେଉଁ ତିନୋଟି ରାଜ୍ୟର ଜନସଂଖ୍ୟା ଅଧିକ ସେ ରାଜ୍ୟଗୁଡ଼ିକୁ ଚିହ୍ନିତ କର) ।

## ଭାରତର ଜନସଂଖ୍ୟା ଅଭିବୃଦ୍ଧି :

ଜନସଂଖ୍ୟାର ଅଭିବୃଦ୍ଧି ତିନୋଟି ପ୍ରକ୍ରିୟାର ପାରସ୍ପରିକ କ୍ରିୟା ଦ୍ୱାରା ନିୟନ୍ତ୍ରିତ । ଉକ୍ତ ତିନୋଟି ପ୍ରକ୍ରିୟା ହେଉଛି ଜନ୍ମ, ମୃତ୍ୟୁ ଓ ସ୍ଥାନାନ୍ତରଣ । ଜନସଂଖ୍ୟା ଅଭିବୃଦ୍ଧି, କୌଣସି ଏକ ଦେଶ କିମ୍ବା ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଅବଧିରେ ଅଧିବାସୀମାନଙ୍କ ସଂଖ୍ୟାରେ ପରିବର୍ତ୍ତନକୁ ବୁଝାଇଥାଏ । ଏହି ଅବଧିକୁ ଦଶବର୍ଷ ନିଆଯାଏ । ଜନସଂଖ୍ୟାର ଅଭିବୃଦ୍ଧି ଗୋଟିଏ ଦଶନ୍ଧିରେ କେତେ ହୋଇଛି ତାକୁ ନିଆଯାଇପାରେ କିମ୍ବା କେତେ ପ୍ରତିଶତ ବୃଦ୍ଧି ହୋଇଛି ତାହା ନିଆଯାଇପାରେ । କିନ୍ତୁ ଜନସଂଖ୍ୟାର ଅଭିବୃଦ୍ଧି ହାର ଜାଣିବା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ପ୍ରତି ଏକ ଶହ ଜନସଂଖ୍ୟାରେ ଯେତିକି ଅଭିବୃଦ୍ଧି ହୁଏ ତାକୁ "ବାର୍ଷିକ ଅଭିବୃଦ୍ଧିହାର" କୁହାଯାଏ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଭାରତର ଜନସଂଖ୍ୟା ୨୩.୮୪ କୋଟି ଥିଲା । ୨୦୧୧ ମସିହାର ଜନଗଣନା ଅନୁସାରେ ଭାରତର ଜନସଂଖ୍ୟା ୧୨୧.୦୧ କୋଟି । ଅର୍ଥାତ୍ ବିଗତ ଏକଶହ ଦଶବର୍ଷ ମଧ୍ୟରେ ଏହି ଜନସଂଖ୍ୟା ପ୍ରାୟ ପାଞ୍ଚଗୁଣ ବୃଦ୍ଧିପାଇଛି ।


## ସାରଣୀ : ଭାରତର ଜନସଂଖ୍ୟା ଅଭିବୃଦ୍ଧି

| ବର୍ଷ | ମୋଟ ଜନସଂଖ୍ୟା (କୋଟି ହିସାବରେ) | ବୃଦ୍ଧିପାଇଥିବା ଜନସଂଖ୍ୟା (କୋଟି ହିସାବରେ) | ବାର୍ଷିକ ଅଭିବୃଦ୍ଧିହାର (କୋଟି ହିସାବରେ) |
|---|---|---|---|
| 1901 | 23.84 | – | – |
| 1911 | 25.21 | 1.37 | 0.56 |
| 1921 | 25.13 | - 0.08 | - 0.03 |
| 1931 | 29.90 | 4.77 | 1.04 |
| 1941 | 31.87 | 1.77 | 1.33 |

(୧୯୪୧ ପର୍ଯ୍ୟନ୍ତ ଜନଗଣନାରେ ଭାରତ ଓ ପାକିସ୍ତାନର ଜନସଂଖ୍ୟା ଅନ୍ତର୍ଭୁକ୍ତ କରାଯାଇଛି)

| ବର୍ଷ | ମୋଟ ଜନସଂଖ୍ୟା (କୋଟି ହିସାବରେ) | ବୃଦ୍ଧିପାଇଥିବା ଜନସଂଖ୍ୟା (କୋଟି ହିସାବରେ) | ବାର୍ଷିକ ଅଭିବୃଦ୍ଧିହାର (ଶତକଡ଼ା ହିସାବରେ) |
|---|---|---|---|
| 1951 | 36.11 | – | 1.25 |
| 1961 | 43.92 | 7.81 | 1.96 |
| 1971 | 54.82 | 10.90 | 2.20 |
| 1981 | 68.33 | 13.51 | 2.22 |
| 1991 | 84.64 | 16.31 | 2.14 |
| 2001 | 102.87 | 18.23 | 1.93 |
| 2011 | 121.01 | 18.15 | 1.76 |

## ଭାରତର ଜନସଂଖ୍ୟା ବୃଦ୍ଧିହାର




ଚିତ୍ର : 31

ବର୍ଷ

ଉପରୋକ୍ତ ସାରଣୀକୁ ଅନୁଧ୍ୟାନ କଲେ ସ୍ପଷ୍ଟଭାବରେ ଜଣାପଡ଼େ ଯେ ଜନସଂଖ୍ୟା ବିଗତ ଶତାବ୍ଦୀରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ୧୯୫୧ ମସିହାରେ ଭାରତର ଜନସଂଖ୍ୟା ୩୬.୧୧ କୋଟି ଥିଲା ଯାହା ୨୦୧୧ ମସିହାରେ ୧୨୧ କୋଟିରେ ପହଞ୍ଚିଛି । ଅର୍ଥାତ୍ ବିଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଜନସଂଖ୍ୟା ପ୍ରାୟ ତିନିଗୁଣ ବୃଦ୍ଧି ପାଇଛି । ୧୯୮୧ ମସିହାରୁ ୨୦୧୧ ମସିହା ମଧ୍ୟରେ ପରିବାର ନିଯୋଜନ ଓ ଜନ୍ମ ନିୟନ୍ତ୍ରଣ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ଜନ୍ମହାର ହ୍ରାସ ପାଇବା ଯୋଗୁଁ ବାର୍ଷିକ ଜନସଂଖ୍ୟା ବୃଦ୍ଧିହାର ହ୍ରାସ ପାଇଛି । (ସାରଣୀ ଦେଖି ଜାଣିବା ପାଇଁ ଚେଷ୍ଟା କର) । ଏହି ହ୍ରାସ ସତ୍ତ୍ୱେ ବର୍ତ୍ତମାନର ଜନସଂଖ୍ୟା ଅଭିବୃଦ୍ଧିକୁ ଲକ୍ଷ୍ୟ କଲେ ଯାହା ଜଣାପଡ଼େ ୨୦୪୫ ମସିହା ବେଳକୁ ଭାରତର ଜନସଂଖ୍ୟା ଚୀନର ଜନସଂଖ୍ୟାକୁ ଅତିକ୍ରମ କରି ପୃଥିବୀର ସର୍ବବୃହତ୍ ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇ ସାରିଥିବ ।

## ଜନସଂଖ୍ୟା ହ୍ରାସବୃଦ୍ଧିକୁ ପ୍ରଭାବିତ କରୁଥିବା କାରଣ :

ଜନସଂଖ୍ୟା ପରିବର୍ତ୍ତନର ତିନୋଟି ମୁଖ୍ୟକାରଣ ହେଲା (୧) ଜନ୍ମହାର (୨) ମୃତ୍ୟୁହାର (୩) ସ୍ଥାନାନ୍ତରଣ ।

**(୧) ଜନ୍ମହାର :** ପ୍ରତି ଏକ ହଜାର ଜନସଂଖ୍ୟାରେ ବର୍ଷକୁ ଜନ୍ମ ଲାଭ କରୁଥିବା ଜୀବନ୍ତ ଶିଶୁ ସଂଖ୍ୟାକୁ ଜନ୍ମହାର କୁହାଯାଏ । ସୁତରାଂ ଜନ୍ମଲାଭ କରୁଥିବା ସମସ୍ତ ଶିଶୁସଂଖ୍ୟାକୁ ଜନ୍ମହାର କୁହାଯାଏ ନାହିଁ ।

**(୨) ମୃତ୍ୟୁହାର :** ପ୍ରତି ଏକହଜାର ଜନସଂଖ୍ୟାରେ ବର୍ଷକୁ ମୃତ୍ୟୁବରଣ କରୁଥିବା ଲୋକସଂଖ୍ୟାକୁ ମୃତ୍ୟୁହାର କୁହାଯାଏ । ଜନ୍ମହାର ଓ ମୃତ୍ୟୁହାର ମଧ୍ୟରେ ଥିବା ପାର୍ଥକ୍ୟକୁ ଜନସଂଖ୍ୟା ଅଭିବୃଦ୍ଧିହାର କୁହାଯାଏ । ଅଧିକାଂଶ ସମୟରେ ଜନ୍ମହାର, ମୃତ୍ୟୁହାର ତୁଳନାରେ ଅଧିକ ହୋଇଥିବାରୁ ଜନସଂଖ୍ୟାର ଅଭିବୃଦ୍ଧି ଘଟୁଛି ।

୧୯୮୦ ମସିହା ପର୍ଯ୍ୟନ୍ତ ଜନ୍ମହାର ଓ ମୃତ୍ୟୁହାରରେ ଅଧିକ ପାର୍ଥକ୍ୟ ଯୋଗୁଁ ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧି ହୋଇଛି । ୧୯୮୧ ମସିହାପରେ ଜନ୍ମହାର ହ୍ରାସ ପାଇବା ଆରମ୍ଭ ହୋଇଛି । ଏହା ଫଳରେ ଜନସଂଖ୍ୟା ବୃଦ୍ଧିହାର ମଧ୍ୟ କମିଛି । ବିଗତ ତିନି ଦଶନ୍ଧିରେ ସାଧାରଣ ସ୍ୱାସ୍ଥ୍ୟ ସେବା ତଥା ଚିକିତ୍ସା ବିଜ୍ଞାନର ଉନ୍ନତି କାରଣରୁ ମହାମାରୀ ନିୟନ୍ତ୍ରଣ ସମ୍ଭବ ହୋଇଛି । ଏହାର ପରିଣାମ ସ୍ୱରୂପ ମୃତ୍ୟୁହାର ହ୍ରାସ ପାଇଛି । ତଥାପି ମଧ୍ୟ କମ୍ ବୟସରେ ବିବାହ, ଅଶିକ୍ଷା ତଥା ଅସଫଳ ଜନ୍ମନିୟନ୍ତ୍ରଣ ପଦ୍ଧତି ଆଦି କାରଣରୁ ଜନ୍ମହାର ବୃଦ୍ଧିପାଉଛି ।

**ସ୍ଥାନାନ୍ତରଣ :** ଜନସଂଖ୍ୟାର ହ୍ରାସବୃଦ୍ଧିକୁ ନିୟନ୍ତ୍ରଣ କରୁଥିବା ତୃତୀୟ କାରଣଟି ହେଉଛି ସ୍ଥାନାନ୍ତରଣ । କୌଣସି ଦେଶ ବା ଅଞ୍ଚଳ ଭିତରେ ବା ଦେଶର ସୀମା ବାହାରକୁ ଲୋକଙ୍କ ଯିବା ଆସିବାକୁ ସ୍ଥାନାନ୍ତରଣ କୁହାଯାଏ । ଦେଶଭିତରେ ହେଉଥିବା ସ୍ଥାନାନ୍ତରଣ ଦ୍ୱାରା ଦେଶର ଜନସଂଖ୍ୟାର ଆକାରରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ଏହାଦ୍ୱାରା ଗୋଟିଏ ଅଞ୍ଚଳରେ ଜନସଂଖ୍ୟାର ଘନତ୍ୱରେ ପରିବର୍ତ୍ତନ ହୋଇଥାଏ ।

ଭାରତରେ ସ୍ଥାନାନ୍ତରଣ ମୁଖ୍ୟତଃ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ହୋଇଥାଏ । କୃଷି ଗ୍ରାମାଞ୍ଚଳର ପ୍ରଧାନ ଜୀବିକା । କୃଷିକ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୀମିତ । ଏଥିଯୋଗୁଁ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ବୃଦ୍ଧି ପାଇଛି । ମାତ୍ର ସହରାଞ୍ଚଳରେ ନିଯୁକ୍ତି ସୁଯୋଗ ବ୍ୟାପକ । ଉନ୍ନତ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ତଥା ଉନ୍ନତ ଜୀବନଧାରଣର ମାନ ଉପଲବ୍ଧ । ଏହା ଗ୍ରାମାଞ୍ଚଳର ଲୋକମାନଙ୍କୁ ସହରାଞ୍ଚଳକୁ ଆକୃଷ୍ଟ କରିଛି । ଏହି ପରିବର୍ତ୍ତନ ଜନସଂଖ୍ୟାର ଆକାରକୁ ପ୍ରଭାବିତ କରିବା ସହ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଜନସଂଖ୍ୟାର ଗଠନକୁ ଉଭୟ ବୟସ ଓ ଲିଙ୍ଗ ଭିତ୍ତିରେ ପ୍ରଭାବିତ କରିଥାଏ । ଅନ୍ୟ ପରିଣତି ସ୍ୱରୂପ ସହରାଞ୍ଚଳର ଜନସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ୧୯୫୧ ମସିହାରେ ଦେଶର ମୋଟ ଜନସଂଖ୍ୟାର ଶତକଡ଼ା ୧୭.୨୯ ଭାଗ ଲୋକ ସହରାଞ୍ଚଳରେ ରହୁଥିବାବେଳେ ୨୦୧୧ ମସିହା ଜନଗଣନା ଅନୁସାରେ ଏହା ୨୭.୭୮ ପ୍ରତିଶତ ଥିଲା । ୨୦୧୧ ମସିହା ସୁଦ୍ଧା ପ୍ରାୟ ୧/୩ ଅଂଶ ଲୋକ ସହରାଞ୍ଚଳରେ ବାସ କରୁଥିବା ଅନୁମାନ କରାଯାଉଛି ।

ସହରାଞ୍ଚଳମାନଙ୍କରେ ମଧ୍ୟ ଅଭିବୃଦ୍ଧିରେ ଭିନ୍ନତା ପରିଲକ୍ଷିତ ହୁଏ । କାରଣ ପ୍ରତ୍ୟେକ ସହରାଞ୍ଚଳରେ ସମସ୍ତ


ପ୍ରକାର ସୁବିଧା ସୁଯୋଗ ସମପରିମାଣରେ ଉପଲବ୍ଧ ହୋଇପାରେ ନାହିଁ । ୧୯୯୧ରୁ **୨୦୦୧** ମସିହା ଗୋଟିଏ ଦଶନ୍ଧି ମଧ୍ୟରେ ଦଶଲକ୍ଷ ଜନସଖ୍ୟାରୁ ଅଧିକ ଜନସଂଖ୍ୟା ଥିବା ସହରସଂଖ୍ୟା **୨୩ ରୁ ୩୫** କୁ ବୃଦ୍ଧି ପାଇଛି । ଦେଶର ବଡ଼ ବଡ଼ ନଗରମାନଙ୍କୁ କେନ୍ଦ୍ରକରି ସେମାନଙ୍କ ଚାରିପଟେ ଛୋଟ ଛୋଟ ସହର ଗଢ଼ି ଉଠିଛି । ଏଗୁଡ଼ିକୁ ସହର ଗୋଷ୍ଠୀ (Urban Agglomeration) କୁହାଯାଏ । ସହରାଞ୍ଚଳରେ ଜନସଂଖ୍ୟାର ମାତ୍ରାଧିକ ବୃଦ୍ଧିଯୋଗୁଁ ବିଦ୍ୟୁତ ଯୋଗାଣ, ଜଳଯୋଗାଣ, ଆଭ୍ୟନ୍ତରୀଣ ପରିବହନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ପ୍ରାବିଧିକ ସଂରଚନା ଚାହିଦା ପୂରଣରେ ବାଧା ସୃଷ୍ଟି ହେଉଛି । ଜନସଂଖ୍ୟାର ମାତ୍ରାଧିକ ଘନତ୍ୱ ତଥା ପରିବେଶ ପ୍ରଦୂଷଣ ପରି ସମସ୍ୟା କ୍ରମଶଃ ଗୁରୁତର ହେଉଛି ।

**ଆୟୁ ଗଠନ (Age Composition) :**

ଦେଶର ଜନସଂଖ୍ୟାକୁ ବୟସ ଭେଦରେ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇଛି । ଏହାକୁ ଆୟୁଗଠନ କୁହାଯାଏ । ଏହା ଜନସଂଖ୍ୟାର ଏକ ବିଶିଷ୍ଟ ଲକ୍ଷଣ । ଜଣେ ବ୍ୟକ୍ତିର ବୟସ ତାଙ୍କର ଆବଶ୍ୟକତା, କାର୍ଯ୍ୟକଳାପ ଓ ଦକ୍ଷତାକୁ ପ୍ରଭାବିତ କରିଥାଏ । ଦେଶରେ ଥିବା ଶିଶୁସଂଖ୍ୟା, କାର୍ଯ୍ୟକ୍ଷମ ଜନସଂଖ୍ୟା, ବାର୍ଦ୍ଧକ୍ୟ ଅବସ୍ଥାରେ ଥିବା ଜନସଂଖ୍ୟା, ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ସୂଚକ ରୂପେ କାର୍ଯ୍ୟ କରେ । ଏହି ଦୃଷ୍ଟିକୋଣରୁ ଜନସଂଖ୍ୟାକୁ ତିନୋଟି ଗୋଷ୍ଠୀରେ ବିଭକ୍ତ କରାଯାଇଛି । ଯଥା : (୧) ବାଳଗୋଷ୍ଠୀ (୨) ଯୁବଗୋଷ୍ଠୀ (୩) ବୃଦ୍ଧଗୋଷ୍ଠୀ / ବରିଷ୍ଠ ନାଗରିକ ।

**ବାଳଗୋଷ୍ଠୀ :** ୧୫ବର୍ଷ ବୟସରୁ କମ୍ ବୟସର ପିଲାମାନେ ବାଳଗୋଷ୍ଠୀର ଅନ୍ତର୍ଭୁକ୍ତ । ଆମଦେଶରେ ୦-୧୪ ବର୍ଷ ପର୍ଯ୍ୟନ୍ତ ନିର୍ଭରଶୀଳ ଜନସଂଖ୍ୟାର ପରିମାଣ ଅଧିକ । ଦେଶରେ ଉପଲବ୍ଧ ସମ୍ବଳର ଏକ ବୃହତ ଭାଗ ଏମାନଙ୍କର ଖାଦ୍ୟ, ବସ୍ତ୍ର, ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେଉଛି ।

**ଭାରତ-ଆୟୁଗଠନ**




ଚିତ୍ର : 32

**ଯୁବଗୋଷ୍ଠୀ :** ଅର୍ଥନୈତିକ ଦୃଷ୍ଟିକୋଣରୁ ଏମାନେ ଉପାର୍ଜନକ୍ଷମ । ବିଭିନ୍ନ ଉତ୍ପାଦନକାରୀ କାର୍ଯ୍ୟ କରୁଥିବା କିମ୍ବା କ୍ଷମତାଥିବା ବ୍ୟକ୍ତି ଏହି ଗୋଷ୍ଠୀର ଅନ୍ତର୍ଭୁକ୍ତ । ଏମାନଙ୍କ ଦ୍ୱାରା ମାନବ ସମ୍ବଳର ଅଭିବୃଦ୍ଧି ଘଟିଥାଏ । ୧୫ ବର୍ଷ ବୟସରୁ ୫୯ ବର୍ଷ ବୟସ ମଧ୍ୟରେ ଥିବା ସ୍ତ୍ରୀ ଓ ପୁରୁଷ ଏହି ଗୋଷ୍ଠୀର ଅନ୍ତର୍ଭୁକ୍ତ ।

**ବୃଦ୍ଧଗୋଷ୍ଠୀ / ବରିଷ୍ଠ ନାଗରିକ :** ୫୯ ବର୍ଷ ବୟସରୁ ଉର୍ଦ୍ଧ୍ୱବୟସର ବ୍ୟକ୍ତିମାନଙ୍କୁ ବରିଷ୍ଠ ନାଗରିକ ବୋଲି ବିବେଚନା କରାଯାଇଥାଏ । ଅର୍ଥନୈତିକ ଦୃଷ୍ଟିକୋଣରୁ ଏମାନଙ୍କ ମଧ୍ୟରୁ କେତେକ ଉପାର୍ଜନକ୍ଷମ । ସେମାନଙ୍କ ମଧ୍ୟରୁ କେତେକ ସ୍ୱେଚ୍ଛାକୃତ ଭାବରେ କାର୍ଯ୍ୟ କରୁଥାଇ ପାରନ୍ତି କିନ୍ତୁ ବିଧିବଦ୍ଧ ଭାବରେ ସେମାନଙ୍କୁ ନିଯୁକ୍ତି ଦିଆଯାଇନଥାଏ । ୧୫ ବର୍ଷରୁ କମ୍ ଓ ୫୯ ବର୍ଷ ବୟସରୁ ଉର୍ଦ୍ଧ୍ୱ ଜନସଂଖ୍ୟାକୁ ନିର୍ଭରଶୀଳ ଜନସଂଖ୍ୟା କୁହାଯାଏ ।

## ପୁରୁଷ-ନାରୀ ଅନୁପାତ (SEX RATIO)

ଜନସଂଖ୍ୟାରେ ପ୍ରତି ଏକ ହଜାର ପୁରୁଷ ପିଛା ନାରୀମାନଙ୍କ ସଂଖ୍ୟାକୁ ପୁରୁଷ-ନାରୀ ଅନୁପାତ କୁହାଯାଏ । ୧୯୦୧ ମସିହାର ଜନଗଣନା ଭିତ୍ତିରେ ପ୍ରତି ଏକ ହଜାର ପୁରୁଷ ପିଛା ନାରୀ ସଂଖ୍ୟା ୯୭୨ ଥିଲା । ଏହି ଅନୁପାତ ୨୦୧୧ରେ ୯୪୪ରେ ପହଞ୍ଚିଛି ।

*(ତୁମେ ଜାଣିଛ କି ? କେରଳ ରାଜ୍ୟରେ ୨୦୦୧ ମସିହା ଜନଗଣନା ଅନୁସାରେ ପୁରୁଷ-ନାରୀ ଅନୁପାତ ୧୦୫୮ ଏବଂ ପଣ୍ଡିଚେରୀରେ ଏହା ୧୦୦୧)*

| ଜନଗଣନା ବର୍ଷ | ପୁରୁଷ ନାରୀ ଅନୁପାତ (ପ୍ରତି ଏକ ହଜାର ପୁରୁଷରେ) |
|---|---|
| ୧୯୫୧ | ୯୪୬ |
| ୧୯୬୧ | ୯୪୧ |
| ୧୯୭୧ | ୯୩୦ |
| ୧୯୮୧ | ୯୩୪ |
| ୧୯୯୧ | ୯୨୯ |
| ୨୦୦୧ | ୯୩୩ |
| ୨୦୧୧ | ୯୪୪ |

(ଏହି ତାରତମ୍ୟର କାରଣ କ'ଣ ହୋଇପାରେ ?)

**ସାକ୍ଷରତା :** ୨୦୦୧ ମସିହା ଜନଗଣନାର ସର୍ତ୍ତ ଅନୁସାରେ ସାତବର୍ଷ ବା ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତି କୌଣସି ଗୋଟିଏ ଭାଷା ଲେଖିପଢ଼ି ବୁଝି ପାରୁଥିବ, ତାଙ୍କୁ ସାକ୍ଷର ବୋଲି ବିବେଚନା କରାଯାଏ । ସାଧାରଣତଃ ଜଣେ ଶିକ୍ଷିତ ନାଗରିକ ତାଙ୍କ ବିଜ୍ଞ ଚିନ୍ତାଧାରା ଦ୍ୱାରା ଉପଯୁକ୍ତ ମାର୍ଗ ଚୟନ କରି ବିଭିନ୍ନ ଗବେଷଣା ଓ ଉନ୍ନୟନ ପ୍ରକଳ୍ପ ନିଜ ହାତକୁ ନେଇଥାନ୍ତି । ନିମ୍ନ ସାକ୍ଷରତା ହାର ଦେଶର ଅର୍ଥନୈତିକ ଅଗ୍ରଗତିରେ ବାଧା ସୃଷ୍ଟିକରେ । ଆମ ଦେଶର ସାକ୍ଷରତା ହାର କ୍ରମଶ ବୃଦ୍ଧି ପାଇବାରେ ଲାଗିଛି । ୧୯୦୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ଶତକଡ଼ା ୫ ରହିଥିଲା । ୨୦୧୧ ମସିହା ଜନଗଣନାଭିତ୍ତିରେ ସାକ୍ଷରତା ହାର ଶତକଡ଼ା ୭୪.୦୯ରେ ପହଞ୍ଚିଛି । ଦେଶର ଶତକଡ଼ା ୮୨.୧୪ ଭାଗ ପୁରୁଷ ସାକ୍ଷର ଏବଂ ଶତକଡ଼ା ୬୫.୪୦ ଭାଗ ନାରୀ ସାକ୍ଷର ଅଟନ୍ତି । ୨୦୦୧ ଜନଗଣନା ଅନୁଯାୟୀ ସାକ୍ଷରତା କ୍ଷେତ୍ରରେ କେରଳ ରାଜ୍ୟ ପ୍ରଥମସ୍ଥାନରେ ରହିଛି । ଏଠାରେ ସାକ୍ଷରତା ହାର ୯୦.୯୨% । ମିଜୋରାମ ଓ ଲାକ୍ଷାଦ୍ୱୀପରେ ସାକ୍ଷରତା ହାର ଯଥାକ୍ରମେ ୮୮.୪୯% ଏବଂ ୮୭.୫୧% । ୨୦୦୧ ମସିହା ଜନଗଣନା ଅନୁସାରେ ବିହାର ରାଜ୍ୟରେ ସାକ୍ଷରତାହାର ସର୍ବନିମ୍ନ । ନିମ୍ନ ସାକ୍ଷରତା ଦ୍ରୁତ ଜନସଂଖ୍ୟା ବୃଦ୍ଧିର ଏକ କାରଣ ରୂପେ କାର୍ଯ୍ୟକରେ । ଏହି କାରଣରୁ ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଜନସଂଖ୍ୟା ଦ୍ରୁତ ବୃଦ୍ଧି ପାଉଛି ।

## ବୃତ୍ତିଗତ ଗଠନ :

ମନୁଷ୍ୟ ଜୀବନଧାରଣ ନିମନ୍ତେ ବିଭିନ୍ନ ବୃତ୍ତି ଅବଲମ୍ବନ କରିଥାଏ । ବୃତ୍ତି ଦୃଷ୍ଟିରୁ ଜନସଂଖ୍ୟାକୁ ବିଭିନ୍ନ ଶ୍ରେଣୀଭୁକ୍ତ କରିବାକୁ ବୃତ୍ତିଗଠନ କୁହାଯାଏ । ସେଗୁଡ଼ିକୁ ପ୍ରାଥମିକ, ମାଧ୍ୟମିକ ଓ ସେବାକ୍ଷେତ୍ର ଏହିପରି ତିନିଗୋଟି ଭାଗରେ ବିଭକ୍ତ କରାଯାଇଥାଏ । କୃଷି, ପଶୁପାଳନ, ମତ୍ସ୍ୟଚାଷ, ଖଣିଜଦ୍ରବ୍ୟ ଉତ୍ତୋଳନ, ଅରଣ୍ୟ ସମ୍ପଦ ସଂଗ୍ରହ ତଥା ସଂରକ୍ଷଣ ଆଦି ବୃତ୍ତିଗୁଡ଼ିକୁ ମୌଳିକ ବୃତ୍ତି ବା ପ୍ରାଥମିକ ବୃତ୍ତି କୁହାଯାଏ । ପ୍ରକୃତିର ସହଚର୍ଯ୍ୟରେ କରାଯାଉଥିବାରୁ

ଏହା ପ୍ରାଥମିକ ବୃତ୍ତି ଶ୍ରେଣୀଭୁକ୍ତ । ଶିଳ୍ପାନୁଷ୍ଠାନମାନଙ୍କରେ ନୂତନ ଦ୍ରବ୍ୟ ପ୍ରସ୍ତୁତ କରିବାରେ ନିଯୁକ୍ତ ଜନସଂଖ୍ୟା ମାଧ୍ୟମିକ ଶ୍ରେଣୀ ଅନ୍ତର୍ଗତ । ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟାଙ୍କ, ବୀମା, ପରିବହନ ଓ ଯୋଗାଯୋଗ ତଥା ବାଣିଜ୍ୟ ଆଦି ବୃତ୍ତିକୁ ସେବାକ୍ଷେତ୍ର କୁହାଯାଏ । ଉନ୍ନତ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରୁଥିବା ଜନସଂଖ୍ୟାରେ ତାରତମ୍ୟ ଆସେ । ଉଦାହରଣ ସ୍ୱରୂପ ଉନ୍ନତ ରାଷ୍ଟ୍ରଗୁଡ଼ିକରେ ଅଧିକାଂଶ ଲୋକ ମାଧ୍ୟମିକ ଓ ସେବାକ୍ଷେତ୍ରରେ ନିଯୁକ୍ତ ହୋଇଥାନ୍ତି । କିନ୍ତୁ ପ୍ରଗତିଶୀଳ ରାଷ୍ଟ୍ରମାନଙ୍କରେ ଅଧିକାଂଶ ଲୋକଙ୍କ ଜୀବିକା ପ୍ରାଥମିକ କ୍ଷେତ୍ରରେ ସୀମିତ ଥାଏ । ଭାରତର ପ୍ରାୟ ଶତକଡ଼ା ୬୪ ଭାଗ ଲୋକ ପ୍ରାଥମିକ କ୍ଷେତ୍ରରେ ନିୟୋଜିତ । ମାଧ୍ୟମିକ ଓ ସେବାକ୍ଷେତ୍ରରେ ନିୟୋଜିତ ଜନସଂଖ୍ୟା ଯଥାକ୍ରମେ ୧୩% ଓ ୨୦% । ବିଗତ ପଚାଶ ବର୍ଷ ମଧ୍ୟରେ ଅଧିକରୁ ଅଧିକ ଲୋକ ପ୍ରାଥମିକ ବୃତ୍ତିରୁ ମାଧ୍ୟମିକ ବୃତ୍ତି ଓ ସେବାକ୍ଷେତ୍ରକୁ ସ୍ଥାନାନ୍ତରିତ ହୋଇଛନ୍ତି । ଏହା ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ହୋଇଛି । ଏ ପ୍ରକାର ପ୍ରଭାବ ତାମିଲନାଡୁ, ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ ଆଦି ରାଜ୍ୟରେ ଅଧିକ ଦେଖାଯାଇଛି । ଓଡ଼ିଶା, ବିହାର ଓ ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଏବେ ମଧ୍ୟ କୃଷି ପ୍ରଧାନ ଜୀବିକା । ତେଣୁ ଏହି ପରିବର୍ତ୍ତନ ଉକ୍ତ ରାଜ୍ୟମାନଙ୍କରେ ଦୃଷ୍ଟିଗୋଚର ହୋଇପାରିନାହିଁ ।

## ସ୍ୱାସ୍ଥ୍ୟ :

ଉତ୍ତମ ସ୍ୱାସ୍ଥ୍ୟ, ବିକାଶ ପ୍ରକ୍ରିୟାକୁ ଅନେକମାତ୍ରାରେ ପ୍ରଭାବିତ କରିଥାଏ । ସ୍ୱାଧୀନତାର ପରବର୍ତ୍ତୀ ସମୟରେ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁଁ ଆମ ଦେଶର ଜନସାଧାରଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଯଥେଷ୍ଟ ଉନ୍ନତି ହୋଇଛି । ୧୯୫୧ ମସିହାରେ ମୃତ୍ୟୁହାର ପ୍ରତି ଏକ ହଜାର ଜନସଂଖ୍ୟାରେ ୮.୧କୁ ଖସିଆସିଛି । ୨୦୦୯ କଳନା ଅନୁଯାୟୀ ଏହା ୬.୪ । ୧୯୫୧ ମସିହାରେ ହାରାହାରି ପରମାୟୁ ୩୬.୭ ବର୍ଷ ଥିଲା । ମାତ୍ର ୨୦୦୧ ମସିହା ସୁଦ୍ଧା ଏହା ବୃଦ୍ଧି ପାଇ ୬୪.୬ ବର୍ଷରେ ପହଞ୍ଚିଛି । ୨୦୦୯ ମସିହା କଳନା ଅନୁଯାୟୀ ଏହା ୬୯.୯୦କୁ ବୃଦ୍ଧିପାଇଛି । ଦେଶରୁ ପ୍ଲେଗ, ବସନ୍ତଭଳି ମହାମାରୀ ବ୍ୟାଧି ସମ୍ପୂର୍ଣ୍ଣ ଲୋପ ପାଇଛି । ଏହି ସଫଳତା ସତ୍ତ୍ୱେ ଭାରତୀୟ ଜନସାଧାରଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଚିନ୍ତାଜନକ ପରିସ୍ଥିତିରେ ରହିଛି । ଉପଯୁକ୍ତ କ୍ୟାଲୋରୀଯୁକ୍ତ ଖାଦ୍ୟାଭାବ ଯୋଗୁଁ ଅନେକ ଲୋକ ଅପପୁଷ୍ଟି ରୋଗ ଭୋଗୁଛନ୍ତି । ଗ୍ରାମାଞ୍ଚଳରେ ବସବାସ କରୁଥିବା ମୋଟ ଜନସଂଖ୍ୟାର ପ୍ରାୟ ଦୁଇତୃତୀୟାଂଶ ଲୋକଙ୍କ ପାଖକୁ ନିରାପଦ ପାନୀୟ ଜଳ, ମୌଳିକ ପରିମଳ ସୁବିଧା ପହଞ୍ଚିପାରିନାହିଁ । ଉପଯୁକ୍ତ ଜନସଂଖ୍ୟା ନୀତି ମାଧ୍ୟମରେ ଏହି ସମସ୍ୟାର ସମାଧାନ ସମ୍ଭବ ହେବ ବୋଲି ଆଶା କରାଯାଉଛି ।

## କୈଶୋର ଜନସଂଖ୍ୟା :

କୈଶୋର ଜନସଂଖ୍ୟା ଭାରତର ଜନସଂଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଦେଶର ମୋଟ ଜନସଂଖ୍ୟାର ଏକ ପଞ୍ଚମାଂଶ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ସାଧାରଣତଃ ୧୦ ରୁ ୧୯ ବର୍ଷ ବୟସର ବାଳକ ବାଳିକାମାନଙ୍କୁ କିଶୋରଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇଛି । ଏମାନେ ଆମ ଦେଶର ଭବିଷ୍ୟତ ସମ୍ବଳ । ଏକ ଶିଶୁ କିମ୍ବା ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ତୁଳନାରେ ଏମାନଙ୍କ ପାଇଁ ଅଧିକ ପୁଷ୍ଟିସାର ଯୁକ୍ତ ଖାଦ୍ୟ ଆବଶ୍ୟକ । ଅପପୁଷ୍ଟି ଯୋଗୁଁ ଏମାନଙ୍କ ଶାରିରୀକ ତଥା ମାନସିକ ବିକାଶ ବାଧାପ୍ରାପ୍ତ ହୋଇଥାଏ । ଭାରତରେ କିଶୋର କିଶୋରୀମାନଙ୍କୁ ମିଳୁଥିବା ଖାଦ୍ୟରେ ପ୍ରାୟ ଅଧିକାଂଶ ଖାଦ୍ୟସାରର ଅଭାବ ଦୃଷ୍ଟିଗୋଚର ହୋଇଥାଏ । ଦେଶର ଅଧିକାଂଶ କିଶୋର କିଶୋରୀ ରକ୍ତହୀନତାର ଶିକାର ହୋଇଥାନ୍ତି । ବିକାଶ ପ୍ରକ୍ରିୟାରେ ଏମାନଙ୍କ ସମସ୍ୟା ଯଥେଷ୍ଟ ପ୍ରତିଫଳିତ ହୋଇପାରିନାହିଁ । ବିଶେଷକରି କିଶୋରୀମାନଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ସଚେତନ କରାଇବା ଆବଶ୍ୟକତା ରହିଛି । ସେମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ଶିକ୍ଷା ଓ ସାକ୍ଷରତାର ଉନ୍ନତିର ଆବଶ୍ୟକତା ରହିଛି ।

## ଜାତୀୟ ଜନସଂଖ୍ୟାନୀତି :

୨୦୦୦ ମସିହା ଜାତୀୟ ଜନସଂଖ୍ୟା ନୀତିରେ କୈଶୋରମାନଙ୍କୁ ଜାତୀୟ ଜନସଂଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରୂପେ ବିବେଚନା କରାଯାଇଛି । ପୁଷ୍ଟିଯୁକ୍ତ ଖାଦ୍ୟ ବ୍ୟବସ୍ଥା ସହ କୈଶୋରାବସ୍ଥାର ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଏମାନଙ୍କ ପ୍ରତି ବିଶେଷ ଦୃଷ୍ଟିର ଆବଶ୍ୟକତା ରହିଛି ।

ଏହି ଜନସଂଖ୍ୟା ନୀତିରେ ୨୦୪୫ ମସିହା ସୁଦ୍ଧା ଜନସଂଖ୍ୟାରେ ସ୍ଥିରତା ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି । କୈଶୋରାବସ୍ଥା ପୂର୍ବରୁ ଗର୍ଭଧାରଣ ଓ ବିଭିନ୍ନ ଯୌନ ବିକାରଗ୍ରସ୍ତ ରୋଗ ସମ୍ପର୍କରେ ସଚେତନତାର ଆବଶ୍ୟକତା ରହିଛି । ବିବାହ ବୟସରେ ବୃଦ୍ଧି, ୧୪ ବର୍ଷ ବୟସ ପର୍ଯ୍ୟନ୍ତ ଅବାଧ ଓ ବାଧ୍ୟତାମୂଳକ ଶିକ୍ଷା, ପ୍ରାଥମିକ ତଥା ମାଧ୍ୟମିକ ଶ୍ରେଣୀରୁ ପାଠ୍ୟକ୍ରମ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ଇତ୍ୟାଦି ପ୍ରଚେଷ୍ଟା ଦ୍ୱାରା ଜନସଂଖ୍ୟା ବୃଦ୍ଧିରେ ସ୍ଥିରତା ଅଣାଯାଇପାରିବ । ଜନସଂଖ୍ୟା ରାଷ୍ଟ୍ରର ସବୁଠାରୁ ମୂଲ୍ୟବାନ ସମ୍ବଳ । ଏକ ସୁସ୍ଥ ଜନସଂଖ୍ୟା ଏକ ବୃହତ ଶକ୍ତିଶାଳୀ ରାଷ୍ଟ୍ର ସୃଷ୍ଟି କରିବାରେ ସମର୍ଥ ହେବ ।

ଓଡ଼ିଶାର ଜନସଂଖ୍ୟା ବୃଦ୍ଧିହାର ଶତକଡ଼ା ୧୩.୯୭ ଭାଗ ରହିଛି । ଏଠାରେ ପ୍ରଦତ୍ତ ସାରଣୀରେ ୧୯୫୧ ମସିହାଠାରୁ ୨୦୧୧ ମସିହା ପର୍ଯ୍ୟନ୍ତ ଭାରତ ଓ ଓଡ଼ିଶାର ଜନସଂଖ୍ୟାର ଏକ ତୁଳନାତ୍ମକ ଅଧ୍ୟୟନ ସମ୍ଭବ ।

ପ୍ରଦତ୍ତ ସାରଣୀରୁ ସ୍ପଷ୍ଟ ହେଉଛି ଯେ ଭାରତର ଜନସଂଖ୍ୟା ବୃଦ୍ଧିହାର ତୁଳନାରେ ଓଡ଼ିଶାର ଜନସଂଖ୍ୟାର ବୃଦ୍ଧିହାର ୧୯୮୧ ମସିହାପରେ ହ୍ରାସ ପାଇବାରେ ଲାଗିଛି । ଓଡ଼ିଶାର ଭୌଗୋଳିକ କ୍ଷେତ୍ରଫଳ ଭାରତର କ୍ଷେତ୍ରଫଳର ଶତକଡ଼ା ୪.୭୪ଭାଗ । ଆମ ରାଜ୍ୟର ଜନସଂଖ୍ୟାର ଘନତ୍ୱ ୧୯୫୧ ମସିହାରେ ୯୪, ୧୯୬୧ରେ ୧୧୩, ୧୯୭୧ରେ ୧୪୧, ୧୯୮୧ରେ ୧୬୯, ୧୯୯୧ରେ

**ଭାରତ ଓ ଓଡ଼ିଶାର ଜନସଂଖ୍ୟାର ତୁଳନାତ୍ମକ ସାରଣୀ (୧୯୫୧ ମସିହାରୁ ୨୦୧୧ ମସିହା ପର୍ଯ୍ୟନ୍ତ)**


| ବର୍ଷ | ଭାରତର ଜନସଂଖ୍ୟା | ଦଶନ୍ଧିରେ ଶତକଡ଼ା ବୃଦ୍ଧିହାର | ଓଡ଼ିଶାର ଜନସଂଖା | ଦଶନ୍ଧିରେ ଶତକଡ଼ା ବୃଦ୍ଧିହାର |
|---|---|---|---|---|
| ୧୯୫୧ | ୩୬୧୦୮୮୦୯୦ | +୧୨.୫୦ | ୧୪୬୪୫୯୪୬ | +୧୬.୩୫ |
| ୧୯୬୧ | ୪୩୯୨୩୪୭୭ | +୧୯.୬୪ | ୧୭୫୪୮୮୪୬ | +୧୯.୮୨ |
| ୧୯୭୧ | ୫୪୮୧୫୯୬୫୨ | +୨୨.୧୦ | ୨୧୯୪୪୬୧୫ | +୨୫.୦୫ |
| ୧୯୮୧ | ୬୮୩୩୨୯୦୯୭ | +୨୨.୦୨ | ୨୬୩୭୦୨୭୧୩ | +୨୦.୧୭ |
| ୧୯୯୧ | ୮୪୩୪୮୭୮୮୮ | +୨୧.୪୦ | ୩୧୬୫୯୭୩୬ | +୨୦.୦୬ |
| ୨୦୦୧ | ୧୦୨୭୦୧୫୨୭୪ | +୧୯.୩୪ | ୩୬୭୦୬୯୨୦ | +୧୫.୯୪ |
| ୨୦୧୧ | ୧୨୧୦୧୯୩୪୨୭ | +୧୭.୬୫ | ୪,୧୯୪୭୩୬୮ | +୧୩.୯୭ |

## ଓଡ଼ିଶାର ଜନସଂଖ୍ୟା ଓ ବିତରଣ :

୨୦୧୧ ମସିହା ଜନଗଣନା ଅନୁସାରେ ଓଡ଼ିଶାର ଜନସଂଖ୍ୟା ୪ କୋଟି ୧୯ଲକ୍ଷ ହୋଇଛି । ଏହା ସମଗ୍ରଦେଶର ଜନସଂଖ୍ୟାର ଶତକଡ଼ା ୩.୪୭ଭାଗ । ୨୦୦୧ ମସିହାରେ ଏହା ଶତକଡ଼ା ୩.୫୭ ଭାଗଥିଲା । ୨୦୦୧ ରୁ ୨୦୧୧ ମସିହା ଦଶନ୍ଧି ମଧ୍ୟରେ ଭାରତର ଜନସଂଖ୍ୟା ବୃଦ୍ଧିହାର ଶତକଡ଼ା ୧୭.୬୫ ରହିଥିବାବେଳେ

୨୦୩, ୨୦୦୧ ମସିହାରେ ୨୩୬ ଓ ୨୦୧୧ରେ ୨୮୯ରେ ପହଞ୍ଚିଛି । ୨୦୧୧ ମସିହାରେ ଭାରତର ଜନସଂଖ୍ୟାର ଘନତ୍ୱ ୩୮୨ । ଏଣୁ ଓଡ଼ିଶାର ଜନସଂଖ୍ୟାର ଘନତ୍ୱ ସର୍ବଭାରତୀୟ ଜନସଂଖ୍ୟାର ଘନତ୍ୱ ଠାରୁ କମ୍ । ଗତ ଶତାବ୍ଦୀରେ ଭାରତର ଜନସଂଖ୍ୟାର ଅଭିବୃଦ୍ଧି ଚାରିଗୁଣ ହୋଇଥିବା ବେଳେ ଓଡ଼ିଶାର ଅଭିବୃଦ୍ଧି ତିନିଗୁଣ ହୋଇଛି ।

ଓଡ଼ିଶାରେ ଜନସଂଖ୍ୟାର ସୁଷମ ବଣ୍ଟନ ହୋଇନାହିଁ । ୨୦୦୧ ମସିହା ଜନଗଣନ ଅଧ୍ୟୟନରୁ ଯାହା ଜଣାପଡ଼େ ୩୦ଟି ଜିଲ୍ଲା ମଧ୍ୟରୁ ୧୨ଟି ଜିଲ୍ଲାର ଜନସଂଖ୍ୟାର ଘନତ୍ୱ ରାଜ୍ୟର ହାରାହାରି ଜନସଂଖ୍ୟାର ଘନତ୍ୱଠାରୁ ଅଧିକ । ୧୨ଟି ଜିଲ୍ଲା ମଧ୍ୟରୁ ୯ଟି ଜିଲ୍ଲା ଉପକୂଳବର୍ତ୍ତୀ ଜିଲ୍ଲା । ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲାଦ୍ୱୟର ଜନସଂଖ୍ୟାର ଘନତ୍ୱ ୬୦୦ରୁ ଉର୍ଦ୍ଧ୍ୱ ଓ କଟକ ଜିଲ୍ଲାର ଜନସଂଖ୍ୟାର ଘନତ୍ୱ ୫୯୫ । ଅପରପକ୍ଷରେ ମାଳ ଅଞ୍ଚଳରେ ଥିବା ଦେବଗଡ଼, ମାଲକାନଗିରି ଓ କନ୍ଧମାଳ ଜିଲ୍ଲାର ଜନସଂଖ୍ୟାର ଘନତ୍ୱ ୧୦୦ରୁ କମ୍ । ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଉର୍ବର ସମତଳଭୂମି, ଗମନାଗମନର ସୁବିଧା, ଜଳସେଚନର ସୁବିଧା ଓ ଅନ୍ୟାନ୍ୟ ସୁବିଧା ମିଳୁଥିବାରୁ ଜନସଂଖ୍ୟାର ଘନତ୍ୱ ଅଧିକ । ଆମରାଜ୍ୟର ଗଞ୍ଜାମ, କଟକ, ମୟୂରଭଞ୍ଜ, ବାଲେଶ୍ୱର ଓ ଖୋର୍ଦ୍ଧା ଓଡ଼ିଶାର ପ୍ରଥମ ପାଞ୍ଚଟି ଜନବହୁଳ ଜିଲ୍ଲା । ଓଡ଼ିଶାର ଜିଲ୍ଲାଗୁଡ଼ିକ ମଧ୍ୟରେ ଦେବଗଡ଼ ଜିଲ୍ଲାର ଜନସଂଖ୍ୟା ସର୍ବନିମ୍ନ । ଏହା ଉପରକୁ କ୍ରମଶଃ ବୌଦ୍ଧ, ମାଲକାନଗିରି, ଝାରସୁଗୁଡ଼ା ଓ ଗଜପତି ରହିଛି ।




ମାନଚିତ୍ର 5.2

୨୦୧୧ ମସିହା ଜନଗଣନା ଅନୁସାରେ ଓଡ଼ିଶାରେ ପ୍ରତି ଏକହଜାର ପୁରୁଷରେ ୯୭୮ ମହିଳା ଅଛନ୍ତି । ସର୍ବଭାରତୀୟ କ୍ଷେତ୍ରରେ ଏହା ୯୪୪ । ରାଜ୍ୟର ଜିଲ୍ଲାମାନଙ୍କ ମଧ୍ୟରେ ଗଜପତି, ରାୟଗଡ଼ା, କେନ୍ଦ୍ରାପଡ଼ା, କନ୍ଧମାଳ, ନୂଆପଡ଼ା, କଳାହାଣ୍ଡି ଓ ଗଞ୍ଜାମରେ ପୁରୁଷ ନାରୀ ଅନୁପାତ ଅଧିକ । ଖୋର୍ଦ୍ଧା ଜିଲ୍ଲାରେ ପୁରୁଷ-ନାରୀ ଅନୁପାତ ସର୍ବନିମ୍ନ । ଏହା ପଛକୁ କଟକ, ନୟାଗଡ଼ ଓ ଅନୁଗୁଳ ଅଛି ।

## ସାକ୍ଷରତା :

ସର୍ବଭାରତୀୟ ସ୍ତରରେ ସାକ୍ଷରତା ହାର ଶତକଡ଼ା ୭୪.୦୪ ଥିବାବେଳେ ଓଡ଼ିଶାରେ ସାକ୍ଷରତା ହାର ଶତକଡ଼ା ୭୩.୪୫ ରହିଛି । ପ୍ରଥମ ପାଞ୍ଚଟି ସାକ୍ଷର ଜିଲ୍ଲା ହିସାବରେ ଖୋର୍ଦ୍ଧା, ଜଗତସିଂହପୁର, ପୁରୀ, କେନ୍ଦ୍ରାପଡ଼ା ଓ କଟକ ଅନ୍ୟତମ । କମ୍ ସାକ୍ଷର ଜିଲ୍ଲାଗୁଡ଼ିକ ହେଲା ଯଥାକ୍ରମେ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ଗଜପତି । ସର୍ବାଧିକ ସାକ୍ଷର ଜିଲ୍ଲା ଖୋର୍ଦ୍ଧା ହୋଇଥିବାବେଳେ ସର୍ବନିମ୍ନ ସାକ୍ଷର ଜିଲ୍ଲା ହେଲା ମାଲକାନ୍‌ଗିରି । ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାର ପୁରୁଷ ସାକ୍ଷରତା ହାର ୮୨.୪୦ ଶତକଡ଼ା ଓ ମହିଳା ସାକ୍ଷରତା ହାର ଶତକଡ଼ା ୬୪.୩୬ ଭାଗ । ୨୦୦୧ ମସିହା ଜନଗଣନା ଅନୁଯାୟୀ ଓଡ଼ିଶାର ୮୫.୦୩ ଭାଗ ଗ୍ରାମାଞ୍ଚଳରେ ବାସ କରୁଥିବାବେଳେ ଶତକଡ଼ା ୧୪.୯୭ ଭାଗ ସହରାଞ୍ଚଳରେ ବାସ କରୁଛନ୍ତି । ୨୦୧୧ ମସିହାରେ ଏହା ୨୦%ରେ ପହଞ୍ଚିଛି କିନ୍ତୁ ସର୍ବଭାରତୀୟ ସ୍ତରରେ ପ୍ରାୟ ୨୭.୭୮ ଅଂଶ ଲୋକ ସହରାଞ୍ଚଳରେ ବାସ କରୁଛନ୍ତି । ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ରାଜ୍ୟର ସମଗ୍ର ସହରୀ ଜନସଂଖ୍ୟାର ଶତକଡ଼ା ୫୦ ଭାଗ ବାସ କରନ୍ତି ।

୨୦୦୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ତଫସିଲଭୁକ୍ତ ଜାତିର ଲୋକ ସମୁଦାୟ ଜନସଂଖ୍ୟାର ଶତକଡ଼ା ୧୬.୫୨ ଭାଗ ଓ ତଫସିଲଭୁକ୍ତ ଉପଜାତି କ୍ଷେତ୍ରରେ ଏହା ୨୨.୩୧ ଭାଗ ଥିଲା । ୨୦୧୧ର ସର୍ବଶେଷ ତଥ୍ୟ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ।

## ପ୍ରଶ୍ନାବଳୀ

୧. **ନିମ୍ନ ପ୍ରଦତ୍ତ ଚାରୋଟି ଉତ୍ତର ମଧ୍ୟରୁ ସଠିକ୍ ଉତ୍ତରଟି ଲେଖ ।**

(କ) ସ୍ଥାନାନ୍ତରଣ ଯୋଗୁଁ ଜନସଂଖ୍ୟା ବିତରଣ ଓ ଗଠନରେ ପରିବର୍ତ୍ତନ ହୋଇଥାଏ-

(i) ଯେଉଁ ଅଞ୍ଚଳରୁ ସ୍ଥାନାନ୍ତରଣ ହୁଏ ।

(ii) ଯେଉଁ ସ୍ଥାନରେ ପହଞ୍ଚନ୍ତି ।

(iii) ଉଭୟ ସ୍ଥାନାନ୍ତରଣ ଅଞ୍ଚଳ ଓ ପହଞ୍ଚିବା ଅଞ୍ଚଳ

(iv) କୌଣସିଟି ନୁହେଁ

(ଖ) ଜନସଂଖ୍ୟାରେ ଅଧିକ ଶିଶୁ ବୃଦ୍ଧିହାରର କାରଣ

(i) ଉଚ୍ଚ ଜନ୍ମହାର

(ii) ଉଚ୍ଚ ମୃତ୍ୟୁହାର

(iii) ଆୟୁକାଳବୃଦ୍ଧି

(iv) ଅଧିକ ବିବାହିତ ଦମ୍ପତି

(ଗ) ୨୦୦୧ ମସିହା ଜନଗଣନା ଅନୁସାରେ କାହାକୁ ସାକ୍ଷର କୁହାଯାଏ ?

(i) ଯେଉଁ ବ୍ୟକ୍ତି ନିଜର ନାମ ଲେଖିପଢ଼ି ଜାଣେ

(ii) ଯେଉଁ ବ୍ୟକ୍ତି କୌଣସି ଏକ ଭାଷାକୁ ଲେଖିପଢ଼ି ଜାଣୁଥିବେ

(iii) ୭ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତି କୌଣସି ଗୋଟିଏ ଭାଷା ଲେଖି ପଢ଼ି ବୁଝିପାରୁଥିବେ

(iv) ଯେଉଁ ବ୍ୟକ୍ତି ଲେଖିପଢ଼ି ଜାଣୁଥିବେ ଓ ଅଙ୍କ କଷି ପାରୁଥିବେ

(ଘ) ଜନସଂଖ୍ୟା ଅଭିବୃଦ୍ଧି ଦିଗ କାହାକୁ ସୂଚୀତ କରେ ?

(i) ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ଜନସଂଖ୍ୟା

(ii) ପ୍ରତିବର୍ଷ ଯେତେ ସଂଖ୍ୟକ ଜନସଂଖ୍ୟା ବୃଦ୍ଧିପାଏ

(iii) ଜନସଂଖ୍ୟାର ଅଭିବୃଦ୍ଧି ହାର

(iv) ପ୍ରତି ଏକହଜାର ପୁରୁଷ ମଧ୍ୟରେ ଥିବା ନାରୀ ସଂଖ୍ୟା ।

**୨. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।**

(କ) ୧୯୮୧ ମସିହାପରେ ଭାରତରେ ଜନସଂଖ୍ୟା ଅଭିବୃଦ୍ଧିହାରରେ କାହିଁକି ହ୍ରାସ ଘଟିଛି ?

(ଖ) ଜନସଂଖ୍ୟାବୃଦ୍ଧିର ମୁଖ୍ୟକାରଣ ଗୁଡ଼ିକ ଉଲ୍ଲେଖ କର ?

(ଗ) ଆୟୁଗଠନ, ଜନ୍ମହାର ଓ ମୃତ୍ୟୁହାରର ସଂଜ୍ଞା ଲେଖ ?

(ଘ) ସ୍ଥାନାନ୍ତରଣ କିପରି ଜନସଂଖ୍ୟାର ପରିବର୍ତ୍ତନକୁ ପ୍ରଭାବିତ କରିଥାଏ ?

(ଙ) ୧୯୨୧ ମସିହାକୁ କାହିଁକି ପ୍ରଧାନ ବିଭାଜନକାରୀ ବର୍ଷ ରୂପେ ନିଆଯାଇଛି ?

**୩. ପାର୍ଥକ୍ୟ ଦର୍ଶାଅ ।**

(କ) ଜନ୍ମହାର ଓ ମୃତ୍ୟୁହାର

(ଖ) କାର୍ଯ୍ୟକ୍ଷମ ଜନସଂଖ୍ୟା ଓ ନିର୍ଭରଶୀଳ ଜନସଂଖ୍ୟା

(ଗ) ଜନସଂଖ୍ୟା ବୃଦ୍ଧି ଓ ଜନସଂଖ୍ୟା ପରିବର୍ତ୍ତନ

(ଘ) ପ୍ରାଥମିକ ବୃତ୍ତି ଓ ମାଧ୍ୟମିକ ବୃତ୍ତି

**୪.** ଜନସଂଖ୍ୟା କ'ଣ ? ଜନସଂଖ୍ୟା ଅଧ୍ୟୟନର କି ଗୁରୁତ୍ୱ ରହିଛି ?

**୫.** ବୃତ୍ତିଗତ ଗଠନ ଓ ଅଭିବୃଦ୍ଧି ମଧ୍ୟରେ କି ପ୍ରକାର ସମ୍ପର୍କ ରହିଛି ତାକୁ ପ୍ରତିପାଦନ କର ।

**୬.** ଭାରତରେ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କାରଣ ଉଲ୍ଲେଖ କର ।

**୭.** ଜନଗଣନାର ସଂଜ୍ଞା କ'ଣ ? ଏହାର କି ଗୁରୁତ୍ୱ ରହିଛି ?

୮. କେଉଁ କାରଣରୁ ଓଡ଼ିଶାରେ ଜନସଂଖ୍ୟାର ସୁଷମ ବଣ୍ଟନ ହୋଇନାହିଁ ?

୯. **ସଂକ୍ଷିପ୍ତ ଟିପ୍ପଣୀ ଦିଅ ।**

(କ) ନାରୀ-ପୁରୁଷ ଅନୁପାତ

(ଖ) ସହରଗୋଷ୍ଠୀ

(ଗ) ନିର୍ଭରଶୀଳ ଜନସଂଖ୍ୟା

(ଘ) କୈଶୋର ଜନସଂଖ୍ୟା

(ଙ) ସାକ୍ଷରତା ହାର

(ଚ) ଜନସଂଖ୍ୟା ନୀତି

## ଶିକ୍ଷକଙ୍କ ପାଇଁ କାମ :

ଜନଗଣନା ଭିତ୍ତିକ କେତେକ ପ୍ରଶ୍ନଗୁଚ୍ଛ ପ୍ରସ୍ତୁତ କରିବେ । ପ୍ରତ୍ୟେକ ପ୍ରଶ୍ନଗୁଚ୍ଛରେ ସର୍ବନିମ୍ନ ପାଞ୍ଚଟି ପ୍ରଶ୍ନ ରହିଥିବ । ଏହି ପ୍ରଶ୍ନଗୁଡ଼ିକ ଛାତ୍ରଛାତ୍ରୀମାନଙ୍କ ପରିବାର, ସେମାନଙ୍କର ଶ୍ରେଣୀ ଦକ୍ଷତା, ସ୍ୱାସ୍ଥ୍ୟ ଆଦି ସମ୍ପର୍କିତ ହୋଇଥିବ । ପ୍ରତ୍ୟେକ ଛାତ୍ରଛାତ୍ରୀ ଉକ୍ତ ପ୍ରଶ୍ନଗୁଚ୍ଛର ଉତ୍ତର ପୂରଣ କରିବେ । ଉକ୍ତ ସାଂଖ୍ୟିକ ତଥ୍ୟକୁ ନେଇ ବୃତ୍ତଲେଖ ତଥା ଗ୍ରାଫ ଜରିଆରେ ପ୍ରଦର୍ଶନ କରିବାପାଇଁ ପ୍ରଯତ୍ନ କରିବେ ।

## ଛାତ୍ରଛାତ୍ରୀଙ୍କ ପାଇଁ ପ୍ରକଳ୍ପ କାମ

୧. ତୁମେ ତୁମ ସାହିରେ ଥିବା ପାଞ୍ଚଟି ପରିବାରର ବିଭିନ୍ନ ତଥ୍ୟ ଯଥା : ଆର୍ଥିକ ଅବସ୍ଥା, ଶିକ୍ଷାଗତ ଯୋଗ୍ୟତା, ସ୍ୱାସ୍ଥ୍ୟ, ଜୀବନଶୈଳୀ, ପରିବାରର ଜନସଂଖ୍ୟା, ବିଭିନ୍ନ ଆୟୁବର୍ଗରେ ଥିବା ବ୍ୟକ୍ତିସଂଖ୍ୟା, ସେମାନଙ୍କ ପାରିବାରିକ ସ୍ଥିତି ଆଦି ସମ୍ପର୍କରେ ଅଧ୍ୟୟନ କରି ସାରଣୀ ପ୍ରସ୍ତୁତ କର ।

୨. ନିଜ ଶ୍ରେଣୀର ପ୍ରତ୍ୟେକ ଛାତ୍ରଛାତ୍ରୀ ଅନ୍ୟ ପାଞ୍ଚଜଣ ଛାତ୍ରଛାତ୍ରୀଙ୍କ ଠାରୁ ଉପର ବର୍ଣ୍ଣିତ ତଥ୍ୟ ସଂଗ୍ରହ କରି ତାଲିକା ଆକାରରେ ଲିପିବଦ୍ଧ କରିବେ ।

•••